# ସରପଞ୍ଚ ପଦ ଫେରି ପାଇବେ କୁନ୍ତଳା

## ତଳ କୋର୍ଟ ରାୟକୁ ରଦ୍ଦ କଲେ ହାଇକୋର୍ଟ

ଧାମନଗର,୧୭।୮ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ବୟାଙ୍ଗଡିହୀ ପଞ୍ଚାୟତର ପୂର୍ବତନ ସରପଞ୍ଚ କୁନ୍ତଳା ମଲ୍ଲିକ ପୁଣି ନିଜ ପଦ ଫେରି ପାଇବେ ବୋଲି ହାଇକୋର୍ଟରେ ରାୟ ପ୍ରକାଶ ପାଇଛି। ଜିଲା କୋର୍ଟ ଏବଂ ଧାମନଗର କୋର୍ଟଙ୍କ ରାୟ ବିରୋଧରେ କୁନ୍ତଳା କରିଥିବା ଆବେଦନର ବିଚାର କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

୨୦୨୨ ପଞ୍ଚାୟତ ନିର୍ବାଚନରେ କୁନ୍ତଳା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଭାରତୀ ବେହେରା ସରପଞ୍ଚ କୁନ୍ତଳା ଓଡ଼ିଆ ଲେଖି ପଢ଼ି ଜାଣି ନ ଥିବା ଅଭିଯୋଗ କରି ଧାମନଗର କୋର୍ଟରେ ଏକ ନିର୍ବାଚନୀ ମାମଲା କରିଥିଲେ। କୋର୍ଟ ମାମଲାର ବିଚାର କରି କୁନ୍ତଳାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ପରେ କୁନ୍ତଳା ଏହି ରାୟ ବିରୋଧରେ ଭଦ୍ରକ ଜିଲା କୋର୍ଟରେ ଆବେଦନ କରିଥିଲେ। ସେଠାରେ ଗତ ମାର୍ଚ୍ଚ ୧୩ରେ ତଳ କୋର୍ଟ ରାୟ କାଏମ ରହିବାରୁ କୁନ୍ତଳା ସରପଞ୍ଚ ପଦ ହରାଇଥିଲେ। କୋର୍ଟଙ୍କ ରାୟ ଅନୁସାରେ ଉପଜିଲାପାଳ କୁନ୍ତଳାଙ୍କୁ ସରପଞ୍ଚ ପଦରୁ ବହିଷ୍କାର କରି ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର ଲାଗି ନିର୍ଦ୍ଦେଶ ଦେଇଥିଲେ। କୁନ୍ତଳା ଜିଲା କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଚଳିତ ମାସ ୧୪ ତାରିଖରେ ମାମଲାର ଶୁଣାଣି କରିଛନ୍ତି। କୁନ୍ତଳାଙ୍କ ପକ୍ଷରୁ ଆଇନଜୀବୀ ଏ. ପି. ବୋଷ ମାମଲା ଲଢ଼ିଥିଲେ। ଅପରପକ୍ଷେ ଭାରତୀଙ୍କ ପାଇଁ ଏସ୍.କେ. ମିଶ୍ର ମାମଲା ପରିଚାଳନା କରିଥିଲେ। ଜଣେ ସରପଞ୍ଚ ପ୍ରାର୍ଥୀ ଓଡ଼ିଆ ଲେଖିପଢ଼ି ପାରୁଛନ୍ତି କି ନାହିଁ ଜାଣିବା ଲାଗି ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ-୧୯୬୪ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ ନିୟମ-୧୯୬୫ରେ କୌଣସି ପ୍ରକାର ମାନଦଣ୍ଡ ବା ନିୟମାବଳୀ ସ୍ଥିର କରାଯାଇ ନାହିଁ। କୁନ୍ତଳାଙ୍କ ମାମଲାରେ ଧାମନଗର ଓ ଭଦ୍ରକ କୋର୍ଟ ବିଚାରପତି ନିଜ ଇଚ୍ଛା ଅନୁଯାୟୀ ଗୋଟିଏ ଗୋଟିଏ ଧାଡ଼ି ଲେଖିବା ଓ ପଢ଼ିବା ପାଇଁ କୁନ୍ତଳାଙ୍କୁ ଦେଇଥିଲେ। ଏହା ଭୁଲ୍ ପ୍ରକ୍ରିୟା ଥିଲା। ଓଡ଼ିଆ ଲେଖି ପଢ଼ି ପାରୁଥିବା ଜାଣିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ନ ଥିବାରୁ କୁନ୍ତଳାଙ୍କ ସରପଞ୍ଚ ପଦ ଅସିଦ୍ଧ କରାଯାଇ ପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ବଜ୍ରପାତରେ ଦମ୍ପତିଙ୍କ ସମେତ ୬ ମୃତ, ୭ ଗୁରୁତର

ବେତନଟୀ(ଧରଣୀଧର ମହାନ୍ତି)/ବୈଶିଙ୍ଗା (ରତନ ଦାଶ)/ ଭଦ୍ରକ(ସନାତନ ରାଉତ)/ଆଗରପଡ଼ା(ସୁଶାନ୍ତ ଦାଶ)/ଚାନ୍ଦବାଲି(ଅଶୋକ କୁମାର ପଣ୍ଡା)/କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ), ୧୭।୮

ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ଶନିବାର ବଜ୍ରପାତ ହୋଇ ଚାଷୀ ଦମ୍ପତିଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୭ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ସିଙ୍ଗାରାପୁରା ଗ୍ରାମର ଦମ୍ପତି ଲଚ୍ଛମନ ମୁର୍ମୁ(୪୫) ଓ ତାଙ୍କ ସ୍ତ୍ରୀ ଶାକର ମୁର୍ମୁ(୩୫), ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତ ସାହୁପଡ଼ା ଗ୍ରାମର ଚକ୍ରଧର ଦାସ(୫୮), ଚାନ୍ଦବାଲି ବ୍ଲକ୍ ବିଜୟନଗର ପଞ୍ଚାୟତ ଅଧୀନ ଗୋବିନ୍ଦପୁର ଗାଁର ହେମନ୍ତ ବାରିକ(୨୯), କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଧୁରୁଡ଼ିଆମ୍ବ ଗ୍ରାମର ରାଜେଶ ମୁଣ୍ଡା(୧୩) ଓ ବାଲେଶ୍ୱର ଜିଲା ବାଲିଆପାଳ ଥାନା ତାହାଲିଆ ଗ୍ରାମର ଯତୀନ୍ଦ୍ର ନାଥ ଜେନା (୭୬)।

ସୂଚନା ଅନୁଯାୟୀ, ସିଙ୍ଗାରପୁରା ଗ୍ରାମର ଉକ୍ତ ଦମ୍ପତି ବିଲରେ କାମ କରୁଥିବା ବେଳେ ଅପରାହ୍ଣରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେମାନେ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଆଗରପଡ଼ା ଥାନା ଅଧୀନ ସାହୁପଡ଼ାର ଚକ୍ରଧର ବିଲରେ କାମ ସାରି ସାହୁପଡ଼ା କେନାଲବନ୍ଧରେ ଛେଳି ଚରାଉଥିଲେ। ବଜ୍ରାଘାତ ହେବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ବିଲରେ କାମ କରୁଥିବା ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଅମର ସେଠୀ(୨୯) ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ସେହି କେନାଲ ବନ୍ଧ ନିକଟରେ ବଜ୍ରପାତରେ ଗୁରୁତର ହୋଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ୍ତ ନାୟକ, ନାଏବ ସରପଞ୍ଚ ରାଜେନ୍ଦ୍ର ବେହେରା ପ୍ରମୁଖ ମୃତ ଚକ୍ରଧରଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଚାନ୍ଦବାଲି ଗୋବିନ୍ଦପୁର ଗାଁର ହେମନ୍ତ ବିଲରୁ କାମ ସାରି ଫେରୁଥିବା ବେଳେ ବଜ୍ରପାତରେ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଣ୍ଡଗରଡ଼ି ପଞ୍ଚାୟତର ହିମାଂଶୁ ବାରିକ ନାମକ ଯୁବକ ଗୁରୁତର ହୋଇ ଚାନ୍ଦବାଲି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ସେହିପରି ବଜ୍ରପାତରେ କେନ୍ଦୁଝର ଧୁରୁଡ଼ିଆମ୍ବ ଗ୍ରାମର ରାଜେଶଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ହୋଇଛନ୍ତି। ରାଜେଶ ଘରେ ଏକୁଟିଆ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଶବ୍ଦ ଶୁଣି ଅନ୍ୟ ଏକ ଘରେ ବସିଥିବା ମା' ବାପା ଆସି ତାଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଲକୋଇ ବ୍ଲକ୍ କାଳିଆହତା ପଞ୍ଚାୟତର ଗୋଡ଼ିକଂସ ଗାଁ ନିକଟରେ ବଜ୍ରପାତ ଯୋଗୁ ଗୋଟିଏ ଘରେ ଥିବା କେତକୀ ମହାନ୍ତ(୩୦), ତାଙ୍କ ଝିଅ ସୋନାଲି ମହାନ୍ତ(୧୧) ଏବଂ ସମ୍ପର୍କୀୟ ନମିତା ମହାନ୍ତ(୨୪) ଗୁରୁତର ହୋଇଛନ୍ତି। ଏହାବ୍ୟତୀତ କାଟେଣୀହାଟ ପଡ଼ିଆ ପାଖରେ ଥିବା ଏକ ଶାଳ ଗଛକୁ ବଜ୍ରପାତ ହେବାରୁ ଗଛମୂଳେ ଆଶ୍ରୟ ନେଇଥିବା ୮ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲା ବାଲିଆପାଳ ଥାନା ତାହାଲିଆ ଗ୍ରାମର ଯତୀନ୍ଦ୍ରନାଥ ଜେନା ଅପରାହ୍ଣରେ ଖଳାରେ ଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ଘର ବାରଣ୍ଡାରେ ଥିବା ତାଙ୍କର ସ୍ତ୍ରୀ ବାସନ୍ତୀ ଓ ତାଙ୍କ ବୋହୂ ବୈଜୟନ୍ତୀ ଅସୁସ୍ଥ ହୋଇଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅସୁସ୍ଥମାନଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି।

# ସ୍ୱାସ୍ଥ୍ୟସେବା ବନ୍ଦ, ଡାକ୍ତରଙ୍କ ପ୍ରତିବାଦ




ଆଇଏମ୍ଏର ଭଦ୍ରକ ଶାଖା ପକ୍ଷରୁ ପ୍ରତିବାଦ କରାଯାଉଛି।

ଭଦ୍ରକ,୧୭।୮(ସନାତନ ରାଉତ)

କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ସାରା ଦେଶରେ ପ୍ରତିବାଦର ସ୍ୱର ଉଠିଛି। ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ପକ୍ଷରୁ ନିଷ୍ପତ୍ତିକ୍ରମେ ଶନିବାର ସାରା ଦେଶରେ ଡାକ୍ତରମାନେ ଆନ୍ଦୋଳନ କରିଛନ୍ତି। ଶନିବାର ସକାଳ ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଇଏମ୍ଏ ଭଦ୍ରକ ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟରତ ଡାକ୍ତରମାନେ ଧାରଣା ଦେଇ ପ୍ରତିବାଦ ଜଣାଇଛନ୍ତି। ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ବନ୍ଦ ରହିଛି। ଶୋଭାଯାତ୍ରାରେ ଯାଇ ସେମାନେ ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ମୁଖ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୃତ ଛାତ୍ରୀଙ୍କୁ ନ୍ୟାୟ, ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ସମସ୍ତ ଚିକିତ୍ସାଳୟରେ ଡାକ୍ତରମାନଙ୍କୁ ସୁରକ୍ଷା ଦାବି କରି ଆସୋସିଏଶନ ଶାଖାର ଉପଦେଷ୍ଟା ଡା. ହରେକୃଷ୍ଣ ନାୟକ, ସଭାପତି ଡା. ରବୀନ୍ଦ୍ର କୁମାର ନାୟକ, ସମ୍ପାଦକ ଡା. ରଞ୍ଜିତ କୁମାର ଖଟୁଆ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଡା. ପ୍ରଦୀପ ନାୟକ, ଡା. ଯଶକେତନ ମହାନ୍ତି, ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟିଭ୍ ଆସୋସିଏଶନର ସଭାପତି ଦେବେନ୍ଦ୍ର ନାୟକ, ସମ୍ପାଦକ ବସନ୍ତ ନାୟକ, ଉପସଭାପତି ଲାଲାଲଳିତ ନାୟକ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଘ ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଅପରପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଉଟଡୋର ଖୋଲା ଯାଇଥିଲେ ମଧ୍ୟ ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେଇ ନ ଥିବାରୁ ଚିକିତ୍ସା ସେବା ନ ପାଇ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦୂର ଦୂରାନ୍ତରରୁ ଆସିଥିବା ରୋଗୀମାନେ ଚିକିତ୍ସା ସେବା ନ ପାଇ ନିରାଶ ହୋଇଥିଲେ।

# ଅସରାଏ ବର୍ଷାରେ ରାସ୍ତାରେ ଲହଡ଼ି ଭାଙ୍ଗୁଛି



ଭଦ୍ରକ ପୁରୁଣା କୋର୍ଟ ପରିସରରେ ବର୍ଷାପାଣି ଜମି ରହିଛି।

ଭଦ୍ରକ,୧୭।୮(ସନାତନ ରାଉତ)

ଭଦ୍ରକ ସହରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ବର୍ଷାଦିନେ ଜଳ ନିଷ୍କାସନ ସୂଚାରୁ ରୂପେ ହୋଇପାରୁ ନାହିଁ। ଫଳରେ ଅସରାଏ ବର୍ଷା ହେଲେ ସହରର ବିଭିନ୍ନ ସ୍ଥାନରେ ବର୍ଷାଜଳ ଲହଡ଼ି ଭାଙ୍ଗିବା ସହ ଅଧିକାଂଶ ସ୍ଥାନ ଜଳାର୍ଣ୍ଣବ ହେଉଛି। ଏବେ ବର୍ଷାଦିନ ଚାଲିଥିବା ବେଳେ ଲଘୁଚାପ ଯୋଗୁ ଶନିବାର ମଧ୍ୟାହ୍ନରେ ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାଜଳ

### ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ

ନିଷ୍କାସନ ହୋଇ ନ ପାରି ସହରର ପୁରୁଣା କୋର୍ଟ ପରିସରରେ ଜମି ରହିଥିଲା। ବର୍ଷା ଛାଡ଼ିବା ପରେ ମଧ୍ୟ ଦୀର୍ଘ ସମୟ ଧରି କୋର୍ଟ ପରିସର ଜଳମଗ୍ନ ରହିଥିଲା। ପୁରୁଣା କୋର୍ଟ ପରିସରରେ ଭେଣ୍ଡର, ମୋହରିର ଓ ଟାଇପିଷ୍ଟମାନେ ବସୁଥିବାରୁ ବିଭିନ୍ନ କାମରେ ଆସୁଥିବା ଲୋକେ ଅଳିଆ ଆବର୍ଜନା ପାଣି ଭିତରେ ବହୁ ଅସୁବିଧାରେ ଯାତାୟାତ କରିଥିଲେ।

ସେହିପରି ଆରଡ଼ିଛକରୁ ପ୍ରାଚୀନଗର ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଲହଡ଼ି ଭାଙ୍ଗିଥିଲା। ସହରର ମହତାବନଗର, ଧରିତ୍ରୀନଗର, ସାବିତ୍ରୀ ନଗର ଆଦି ରାସ୍ତା ଜଳାର୍ଣ୍ଣବ ହୋଇଛି। ଏନେଇ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ରେଳଧାରଣା ପାର୍ଶ୍ୱରୁ ଉଦ୍ଧାର ବୃଦ୍ଧଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ, ୧୭।୮ (ରାଜେନ୍ଦ୍ର ଶତପଥୀ)

ଗତ ମେ ୫ରେ ମଞ୍ଜୁରୀରୋଡ୍ ରେଳଧାରଣା ପାର୍ଶ୍ୱରୁ ଉଦ୍ଧାର ହୋଇଥିବା ଅସହାୟ ବୃଦ୍ଧ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବାବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଉଦ୍ଧାର ହେବା ପରଠାରୁ ସେ ମେଡିକାଲରେ ରହି ଚିକିତ୍ସିତ ହେଉଥିଲେ। ଡାକ୍ତରଖାନା କର୍ମଚାରୀମାନେ ତାଙ୍କ ମୃତଦେହ ନେଇ ଯାଜପୁର ଦଶାଶ୍ୱମେଧ ଘାଟ ଶ୍ମଶାନରେ ଅନ୍ତିମ ସଂସ୍କାର କରିଥିଲେ।

ରେଳ ଧାରଣା କଡ଼ରେ ଅସହାୟ ଭାବେ ପଡ଼ି ରହିଥିବା ଦେଖି ମଞ୍ଜୁରୀରୋଡ ଅଞ୍ଚଳର ଯୁବକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ପ୍ରାୟ ୮୦ ବର୍ଷ ବୟସର ଉକ୍ତ ବୃଦ୍ଧ ଅସ୍ପଷ୍ଟ ଭାବେ ନିଜର ନାମ କାଶିଆ ପାଗଳ ଓ ଘର ବଡ଼ଚଣା ଅଞ୍ଚଳର ବିଦ୍ୟାଧରପୁର ବୋଲି ପ୍ରକାଶ କରିଥିଲେ। ଭାଇ କୃଷ୍ଣ ପାଗଳ ଓ ତାଙ୍କ ପୁତୁରା ଅଶୋକ ପାଗଳ ବୋଲି କହିଥିଲେ।

# ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରତିବାଦ ଶୋଭାଯାତ୍ରା




ତିହିଡ଼ି,୧୭।୮(ସଞ୍ଜିତ ବଳ)

କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ଦୃଢ଼ ପ୍ରତିବାଦ ସ୍ୱରୂପ ଇଣ୍ଡିଆନ ମେଡିକାଲ ଆସୋସିଏଶନ ତିହିଡ଼ି ଶାଖା ପକ୍ଷରୁ ଶନିବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏଥିସହ ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରାରେ ଯାଇ ତହସିଲଦାର ଓ ତିହିଡ଼ି ଥାନା ଆଇଆଇସିଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଶାକର୍ମୀମାନେ ଶୋଭାଯାତ୍ରାରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା, ସ୍ଥାନୀୟ ପୋଲିସ ଏନେଇ ଅସହଯୋଗ କରୁଥିବା, ବାହାର ଔଷଧ ଦୋକାନୀଙ୍କ ଅନଧିକାର ହସ୍ତକ୍ଷେପ, ଡାକ୍ତରଖାନା ପରିସରରେ ବାହାର ଗାଡ଼ି ରହିବା, ସ୍ୱାସ୍ଥ୍ୟକେନ୍ଦ୍ର ୱାର୍ଡରେ ବେଆଇନ ଭାବେ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରି ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିବା, ବାହାର ଦୋକାନୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଅଳିଆ ଜମା କରିବା ଆଦି ନେଇ ଦାବିପତ୍ରରେ ଦର୍ଶାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ଡା. ନିରାକାର ମାଠ, ଡା. ହୃଷୀକେଶ ସାହୁ, ଡା.ପ୍ରଣବ ମହାନ୍ତି, ବିତ୍ତୀୟ ଅଧିକାରୀ ବିପ୍ଲବ ରଞ୍ଜନ ପତି, ରବୀନ୍ଦ୍ର ପାଣିଗ୍ରାହୀ, ଅମରେନ୍ଦ୍ର ପୃଷ୍ଟି, ଶାନ୍ତିଲତା ମିଶ୍ର, ଆଲୋକ ରଞ୍ଜନ ଭୋଇ, ବିଜୟିନୀ ସ୍ୱାଇଁ, କୁନ୍ତଳା ମଲିକ, ମମତା ବେହେରା, ରୀତାଞ୍ଜଳି ଶତପଥୀ, ବିଜୟଲକ୍ଷ୍ମୀ ସେଠୀ, ଶାନ୍ତିଲତା ଭୋଇ, ସୁରେଶ ନାୟକ, ଅନ୍ନପୂର୍ଣ୍ଣା ଦାସ, ଅମରେଶ ତ୍ରିପାଠୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# 'ଛଳପୁରୁଷ' ଓ 'ଆଦିମ ଈଶ୍ୱରୀ' ଲୋକାର୍ପିତ




ଭଦ୍ରକ, ୧୭।୮(ସନାତନ ରାଉତ/ରବିନାରାୟଣ ଖ୍ୱଲାର)

ନୂଆ ବହିର ନିଆରା ବାସ୍ନା ପାଠକ ତଥା ସଭିଙ୍କ ତନୁମନକୁ ଶିହରିତ କରିଥାଏ ବୋଲି ପ୍ରାଚୀନଗରସ୍ଥିତ ପ୍ରେମନଗରଠାରେ 'ପ୍ରେମପୃଥିବୀ' ଆୟୋଜିତ ସାରସ୍ୱତ ବନ୍ଧୁମିଳନ ଓ ନୂଆବହିର ବାସ୍ନା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଲେଖକ ଦମ୍ପତି ସୁଚିତ୍ରା ପାଣିଗ୍ରାହୀଙ୍କ କବିତା ସଙ୍କଳନ 'ଛଳପୁରୁଷ' ଏବଂ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପ ପୁସ୍ତକ 'ଆଦିମ ଈଶ୍ୱରୀ' ଲୋକାର୍ପିତ ହୋଇଛି। 'ଶିବାନୀ'ର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବହଳୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନରେ ବରେଣ୍ୟ ଅତିଥି ଭାବେ ଶୈଳେନ୍ଦ୍ର ମହାପାତ୍ର, ଡ. ବ୍ରଜମୋହନ ମିଶ୍ର, ହୃଦାନନ୍ଦ ପାଣିଗ୍ରାହୀ, ବାସୁଦେବ ବାରିକ, ଅଜୟ ନାୟକ, ଅଶୋକ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। କୈଳାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଶୋର ପାଣିଗ୍ରାହୀ ଓ ଡ. ମମତା ସାହୁ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ସୁଚିତ୍ରା ପାଣିଗ୍ରାହୀ ଲେଖକୀୟ ବକ୍ତବ୍ୟ ରଖିଥିଲେ। ବୈକୁଣ୍ଠନାଥ ବିଶ୍ୱାଳ ପ୍ରାରମ୍ଭିକ ପ୍ରଦାନ କରିଥିବା ବେଳେ 'ଶୁଭପଲ୍ଲବ'ର ସମ୍ପାଦକ ସଂଗ୍ରାମ କେଶରୀ ସେନାପତି କାର୍ଯ୍ୟକ୍ରମର ଶେଷସ୍ପର୍ଶ ଦେଇଥିଲେ। ଅନ୍ତର୍ଯ୍ୟାମୀ ମହାରଣା, ପତିତପାବନ ପାଣି, ଅବିନାଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭଣ୍ଡାରିପୋଖରୀ ଥାନାପୋଡ଼ିର ୮୩ତମ ପୂର୍ତ୍ତି ଉତ୍ସବ

ଭଣ୍ଡାରିପୋଖରୀ, ୧୭।୮ (ରାଜେନ୍ଦ୍ର ଶତପଥୀ)

ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରିପୋଖରୀ ଥାନାପୋଡ଼ି ଘଟଣାର ୮୩ତମ ପୂର୍ତ୍ତି ଉତ୍ସବ ଶନିବାର ଥାନା ପରିସରରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜାତୀୟ ରାଜପଥ ପାର୍ଶ୍ୱ କହରାପୋଖରୀ କ୍ରାନ୍ତି ମଇଦାନରେ କାର୍ତ୍ତିକ ସ୍ୱାଇଁଙ୍କ ସଂଯୋଜନାରେ ସ୍ୱାଧୀନତା ସଂଗ୍ରାମୀ ବୈଲୋଚନ ଜେନା, ବିଧାୟକ ସଞ୍ଜୀବ ମଲ୍ଲିକ, ଭାଜପା ନେତା ସୁଧାଂଶୁ ଶେଖର ନାୟକ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍‌ପି ବାମଦେବ ସିଂ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସାମାଜିକ କର୍ମୀ ଗୋଲକ ବେହେରା, ଲକ୍ଷ୍ମୀଧର ସାହୁ, ଭରତ ଚନ୍ଦ୍ର କରଣ, ସରପଞ୍ଚ ବର୍ଷାରାଣୀ ଯେନା ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ନାରାୟଣ ଚନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଥାନା ପରିସରରେ ଶହୀଦ ସ୍ମୃତିସ୍ତମ୍ଭ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କଷ୍ଟଲବ୍ଧ ସ୍ୱାଧୀନତାର ମୂଲ୍ୟବୋଧକୁ ଅତୁଟ ରଖିବାକୁ ପ୍ରତ୍ୟେକ ସଂକଳ୍ପ କରିବାକୁ ଆହ୍ୱାନ ଦେଇଥିଲେ।

ଥାନା ପରିସରରେ ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀମାନେ ଅତ୍ୟାଚାରୀ ବ୍ରିଟିଶ ପୋଲିସକୁ ଭ୍ରୂକ୍ଷେପ ନ କରି ଥାନାକୁ ପୋଡ଼ି ଦେଇ ଇତିହାସ ପୃଷ୍ଠାରେ ଭଣ୍ଡାରିପୋଖରୀକୁ ଯେଉଁ ସ୍ଥାନ ଦେଇଯାଇଛନ୍ତି, ତାହା କାଳ କାଳକୁ ପ୍ରେରଣାଦାୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଥାନାଧିକାରୀ ବୀରେନ୍ଦ୍ର ସେନାପତି ଧନ୍ୟବାଦ ଦେଇଥିଲେ।



ଥାନାପୋଡ଼ିର ୮୩ତମ ପୂର୍ତ୍ତି ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ସ୍ୱାଧୀନତା ସଂଗ୍ରାମୀ, ଅଧିକାରୀ ଓ ଅନ୍ୟମାନେ।

# ଅବହେଳିତ, ଅସହାୟଙ୍କ ପାଇଁ ଖୋଲିଲେ ଜରାନିବାସ

## ଅବସରପ୍ରାପ୍ତ ଷ୍ଟାଫ୍‌ନର୍ସଙ୍କ ମହାନତା

ଆଗରପଡ଼ା,୧୭।୮(ସୁଶାନ୍ତ ଦାଶ)

ଚାକିରି କାଳ ମଧ୍ୟରେ ଅନେକ ଲୋକଙ୍କୁ ସାହାଯ୍ୟ ଏବଂ ସହଯୋଗର ହାତ ବଢ଼ାଇଥିବା ବେଳେ ଅବସର ପରେ ମଧ୍ୟ ତାଙ୍କର ଏହି ମହାନ୍ କାମ ଜାରି ରଖିଛନ୍ତି। ନିଜ ଜୀବନର ଅର୍ଜିତ ଧନରେ ସମାଜରେ ଅବହେଳିତ, ଅସହାୟ, ବେସାହାରା ଲୋକଙ୍କ ଥଇଥାନ ପାଇଁ ଏକ ଜରାନିବାସ ଖୋଲି ମହାନତା ଦେଖାଇଛନ୍ତି ଭଦ୍ରକ ଜିଲା ଆଗରପଡ଼ା ଅଞ୍ଚଳର ଅବସରପ୍ରାପ୍ତ ଷ୍ଟାଫ୍‌ନର୍ସ ସାବିତ୍ରୀ ନାୟକ। ଆଗରପଡ଼ା ବଜାରରେ ଥିବା ତାଙ୍କର ଗୃହକୁ ଗୋପୀନାଥ ଜରାନିବାସ ନାମରେ ସେ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ କରିଛନ୍ତି। ସ୍ୱାଧୀନତା ଦିବସରେ ଏହି ଜରାନିବାସ ଖୋଲିଥିବା ବେଳେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ମନୋଜ କୁମାର ପତିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି।



ଜରାନିବାସ ଉଦ୍‌ଘାଟନ କରାଯାଉଛି।

ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ନୃସିଂହ ମିଶ୍ର, ପ୍ରତିଭା ରାୟ, ହୋମିଓପାଥିଓ ସରୋଜିନୀ ବାରିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ କମିଟି ସଭାପତି ରୂପେ ପ୍ରଶାନ୍ତ ଦାଶ, ଉପସଭାପତି ଭାବେ ପୁରୁଷୋତ୍ତମ ସରପଞ୍ଚ ପ୍ରକାଶ ବିଶ୍ୱାଳ, ସପନ ସିଂହ, ସାଧାରଣ ସମ୍ପାଦକ ଜଇନୁଲ ଆବେଦିନ, ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ, ସହସମ୍ପାଦକ ଦୀପକ ମହାନ୍ତି ଓ ରଘୁନାଥ ଦାଶ, ସଭ୍ୟ ଭାବେ ତୁଳସୀ ସାହୁ, ପୟୋଧର ବାରିକ, ଜୟଦେବ ସିଂହ, ଜଗନ୍ନାଥ ପଣ୍ଡା ଓ ଜିତେନ୍ଦ୍ର ବେରାଙ୍କୁ ଚୟନ କରାଯାଇଥିଲା। ସନ୍ତୋଷ ନାୟକ, ଜଗତ ମୋହନ ସିଂହ, ବିଷ୍ଣୁ ସାହୁ, ବିଶ୍ୱଜିତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଗ ଥଇଥାନ ପରେ ଉଚ୍ଛେଦ

## ତହସିଲଦାରଙ୍କୁ ଦାବି ଜଣାଇଲେ ବ୍ୟବସାୟୀ

ତିହିଡ଼ି,୧୭।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବଜାରର ଦକ୍ଷିଣ ପାର୍ଶ୍ୱରେ ଦୋକାନ କରିଥିବା ବ୍ୟବସାୟୀମାନେ ଶନିବାର ତହସିଲଦାରଙ୍କୁ ଭେଟିଛନ୍ତି। ପ୍ରଶାସନ ପକ୍ଷରୁ ଉଚ୍ଛେଦ ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରୁଥିବା ବେଳେ ଏହା ପୂର୍ବରୁ ସେମାନଙ୍କୁ ଥଇଥାନ କରାଯିବାକୁ ଦାବି ଜଣାଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ସେମାନେ ଦୀର୍ଘବର୍ଷ ହେଲା ରାସ୍ତାପାର୍ଶ୍ୱରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏଥିପାଇଁ ସେମାନେ ସରକାରଙ୍କୁ ଖଜଣା ମଧ୍ୟ ଦେଉଛନ୍ତି। ରୋଜଗାରର ଅନ୍ୟ କୌଣସି ପନ୍ଥା ନ ଥିବାରୁ ସେମାନେ ପରିବାର ଚଳାଇବାକୁ ସେହି ଦୋକାନ ଉପରେ ନିର୍ଭର କରିଥାନ୍ତି।

ଭଦ୍ରକ-ଚାନ୍ଦବାଲି ରାସ୍ତା ନିର୍ମାଣ ସମୟରେ ଉତ୍ତର ପାର୍ଶ୍ୱରେ ଥିବା ଦୋକାନୀମାନଙ୍କୁ କ୍ଷତିପୂରଣ ପ୍ରଦାନ ପରେ ଉଚ୍ଛେଦ କରାଯାଇଥିଲା। ମାତ୍ର ସେମାନଙ୍କୁ କୌଣସି କ୍ଷତିପୂରଣ ମିଳିନାହିଁ। କିଛିବର୍ଷ ପୂର୍ବେ ସେମାନଙ୍କ ଦୋକାନ ସବୁ ଆକସ୍ମିକ ଅଗ୍ନିକାଣ୍ଡରେ ଜଳି ଯାଇଥିଲା। ପରେ ବହୁ ଟଙ୍କା ଖର୍ଚ୍ଚ କରି ସେମାନେ ନୂତନ ଭାବେ ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ସେମାନଙ୍କ ଦୋକାନ ସବୁ ରାସ୍ତାଠାରୁ ଦୂରରେ ଥିବାରୁ କୌଣସି ସମସ୍ୟା ଉପୁଜୁ ନାହିଁ। ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ଘୋଷଣା କରାଯିବା ପରେ ସେମାନେ ଭାଙ୍ଗି ପଡ଼ିଛନ୍ତି। ଦୋକାନ ଉଚ୍ଛେଦ କରାଗଲେ ସେମାନଙ୍କ ପରିବାର ଭୋକ ଉପାସରେ ରହିବେ ବୋଲି ଚକ୍ରଧର ଓଝା, ମଧୁସୂଦନ ନାୟକ, କାଶିନାଥ ବେହେରା, ସୁରେଶ ଚନ୍ଦ୍ର ଗୁପ୍ତା, ବାବୁରାମ ଦାସ, ରବିନାରାୟଣ ମିଶ୍ର, ସତ୍ୟଜିତ କର, ରବୀନ୍ଦ୍ର ମହାନ୍ତି, ଆଶଦ ଖାନ, କୁନାଲ ଗୁପ୍ତା, ମାଧବାନନ୍ଦ ନାୟକ, କିଷାନ ଗୁପ୍ତା ପ୍ରମୁଖ ବ୍ୟବସାୟୀ ଦର୍ଶାଇଛନ୍ତି। ତେବେ ଏହାର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି।



ବ୍ୟବସାୟୀମାନେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଗୋଟିଏ ଦିନରେ ଆଗପଛ ହୋଇ ଚାଲିଗଲେ ୨ ବନ୍ଧୁ

**ସିମୁଳିଆ, ୧୭।୮ (ସନ୍ତୋଷ ନାୟକ)**

ଗୋଟାଏ ଦିନରେ ଗୋଟାଏ ମେଡିକାଲରେ ଆଗ ପଛ ହୋଇ ପରପାରିକୁ ଚାଲିଗଲେ ଦୁଇ ବନ୍ଧୁ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ। ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣା ଛକରେ ଗତ ପ୍ରାୟ ୩୦ବର୍ଷ ଧରି ହାର୍ଡୱେୟାର ବ୍ୟବସାୟ କରୁଥିବା ପ୍ରଭାକର ବେହେରା(୫୫)ଙ୍କ ଶନିବାର ଅପରାହ୍ନରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଛି। ପୂର୍ବରୁ ସେ ଶରୀରରେ ରକ୍ତ ସଂଚାଳନ ବ୍ୟାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ସ୍ଥାନୀୟ ଅଞ୍ଚଳରେ ବଇନ ଭାଇ ନାମରେ ସେ ପରିଚିତ ଥିଲେ। ତାଙ୍କ ଘର ସୋର ବ୍ଲକ ବାଣିସିହା ଅଞ୍ଚଳରେ ହୋଇଥିବା ବେଳେ ସେ ମାର୍କୋଣାରେ ଘର କରି ସ୍ଥାୟୀ ବାସିନ୍ଦା ରୂପେ ରହୁଥିଲେ।

ସେହିପରି ସିମୁଳିଆ ବ୍ଲକ ବାଟୀ ପଞ୍ଚାୟତ ହରସିଂହପୁର ଅଞ୍ଚଳର ବ୍ରଜେନ୍ଦ୍ର ନାୟକ(୫୫) ଓରଫ ବାବୁଲା ଭାଇ ଗତ ଏକ ମାସପୂର୍ବେ ଭାରସାମ୍ୟ ହରାଇ ମୋଟର ସାଇକେଲରୁ ପଡିଯାଇଥିଲେ। ପରେ ଚିକିତ୍ସିତ ହୋଇ ସୁସ୍ଥ ଥିବା ବେଳେ ଗତ ଶୁକ୍ରବାର ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଥିଲା। ପୁଣି ଶନିବାର ଅସୁସ୍ଥ ଅନୁଭବ କରିବାରୁ ପ୍ରଥମେ ସିମୁଳିଆ ପରେ ଭଦ୍ରକ ଓ ସେଠାରୁ କଟକକୁ ସ୍ଥାନାନ୍ତରିତ କରାଯାଇଥିଲେ ହେଁ ଅପରାହ୍ନରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ସେ ଯାଜପୁର ଅଞ୍ଚଳରେ ଥିବା ଟାଟା କମ୍ପାନୀର କର୍ମଚାରୀ ଥିଲେ। ସୂଚନା ଯେ, ଉଭୟ ପ୍ରଭାକର ଓ ବ୍ରଜେନ୍ଦ୍ରଙ୍କ ଘର କାଂଶବାଂଶ ନଦୀର ଉଭୟ ପାର୍ଶ୍ୱ ସୋର ଓ ସିମୁଳିଆ ବ୍ଲକରେ। ଉଭୟ ବନ୍ଧୁ ନିକଟସ୍ଥ ସିମୁଳିଆ ବ୍ଲକ କ୍ଷୀରକୋଣା ପଞ୍ଚାୟତର ଉପେନ୍ଦ୍ରନାଥ ସରକାରୀ ବିଦ୍ୟାଳୟରେ ପାଠ ପଢୁଥିଲେ।

### ଔପଦା ବ୍ରାହ୍ମଣ ସମିତିର ବାର୍ଷିକ ସମ୍ମିଳନୀ

**ଔପଦା, ୧୭।୮ (ଧରିତ୍ରୀ ପଣ୍ଡା)**

ଔପଦା ବ୍ରାହ୍ମଣ ସମିତି ପକ୍ଷରୁ ନବମ ବାର୍ଷିକ ସମ୍ମିଳନୀ ବଡ଼ପୋଖରୀଠାରେ ଥିବା ବିଶ୍ୱେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିଭିନ୍ନ ବ୍ଲକରୁ ବିଶିଷ୍ଟ ପଣ୍ଡିତମାନେ ଯୋଗଦେଇ କର୍ମକାଣ୍ଡ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପଣ୍ଡିତ ସୁରେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଔପଦା ବ୍ରାହ୍ମଣ ସମିତିର ସମ୍ପାଦକ ଦୈତାରୀ ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ବିଶିଷ୍ଟ ପଣ୍ଡିତମାନେ ସମାଜରେ ଶାନ୍ତି ରକ୍ଷା କରିବା ପାଇଁ ବ୍ରାହ୍ମଣମାନଙ୍କର ବିଶିଷ୍ଟ ଭୂମିକା ରହୁଥିବାରୁ ସେମାନଙ୍କୁ ସରକାରୀ ସ୍ତରରେ ବିଭିନ୍ନ ସହାୟତା ଯୋଗାଇଦେବା ପାଇଁ ଦାବି ଉଠିଥିଲା। ଜିଲା ବ୍ରାହ୍ମଣ ସମିତି ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଖଇରା ବ୍ଲକ ବ୍ରାହ୍ମଣ ସମିତିର ସମ୍ପାଦକ ରମାକାନ୍ତ ଶତପଥି, ବରିଷ୍ଠ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, ପଣ୍ଡିତ ଅଜୟ ଦାଶ ମହାପାତ୍ର, ଔପଦା ବ୍ରାହ୍ମଣ ସମିତିର ସଭାପତି ହରିହର ଦାଶ, ପ୍ରଫୁଲ୍ଲ ଶତପଥୀ, ବୈଦ୍ୟନାଥ ଶତପଥୀ, ମୋହନ ଶତପଥୀ, ପ୍ରଶାନ୍ତ କୁମାରମହାପାତ୍ରପ୍ରମୁଖବକ୍ତବ୍ୟରଖିଥିଲେ।

# ବଜ୍ରପାତରେ ଦମ୍ପତିଙ୍କ ସମେତ ୬ ମୃତ, ୭ ଗୁରୁତର

**ବେତନଟୀ(ଧରଣୀଧର ମହାନ୍ତି)/ଭଦ୍ରକ (ସନାତନ ରାଉତ)/ଆଗରପଡ଼ା (ସୁଶାନ୍ତ ଦାଶ)/ଚାନ୍ଦବାଲି (ଅଶୋକ କୁମାର ପଣ୍ଡା)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୭।୮**

ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ଶନିବାର ବଜ୍ରପାତ ହୋଇ ଚାଷୀ ଦମ୍ପତିଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୭ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ସିଙ୍ଗାରାପୁରା ଗ୍ରାମର ଦମ୍ପତି ଲକ୍ଷ୍ମନ ମୁର୍ମୁ(୪୫) ଓ ତାଙ୍କ ସ୍ତ୍ରୀ ଶାକର ମୁର୍ମୁ(୩୫), ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତ ସାହୁପଡ଼ା ଗ୍ରାମର ଚକ୍ରଧର ଦାସ(୫୮), ଚାନ୍ଦବାଲି ବ୍ଲକ୍ ବିଜୟନଗର ପଞ୍ଚାୟତ ଅଧୀନ ଗୋବିନ୍ଦପୁର ଗାଁର ହେମନ୍ତ ବାରିକ(୨୯), କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଧୁରୁଡ଼ିଆମ୍ବ ଗ୍ରାମର ରାଜେଶ ମୁଣ୍ଡା(୧୩) ଓ ବାଲେଶ୍ୱର ଜିଲା ବାଲିଆପାଳ ଥାନା ତାହାଲିଆ ଗ୍ରାମର ଯତୀନ୍ଦ୍ର ନାଥ ଜେନା (୭୬)। ସୂଚନା ଅନୁଯାୟୀ, ସିଙ୍ଗାରପୁରା ଗ୍ରାମର ଉକ୍ତ ଦମ୍ପତି ବିଲରେ କାମ କରୁଥିବା ବେଳେ ଅପରାହ୍ନରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ସେମାନେ ପାଖରେ ଆଶ୍ରୟସ୍ଥଳ ଖୋଜୁଥିବା ବେଳେ ବଜ୍ରପାତ ହେବାରୁ ସେଠାରେ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆଗରପଡ଼ା ଥାନା ଅଧୀନ ସାହୁପଡ଼ା ଗ୍ରାମର ଚକ୍ରଧର ବିଲରେ ଚାଷ କାମ ସାରି ସାହୁପଡ଼ା କେନାଲବନ୍ଧରେ ଛେଳି ଚରାଉଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ସେ ତଳେ ପଡ଼ିଯାଇଥିଲେ। ବିଲରେ କାମ କରୁଥିବା ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ଅମର ସେଠୀ(୨୯) ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ସେହି କେନାଲ ବନ୍ଧ ନିକଟରେ ବଜ୍ରପାତରେ ଗୁରୁତର ହୋଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଚକ୍ରଧରଙ୍କ ମୃତ୍ୟୁ ଖବର ପାଇ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ୍ତ ନାୟକ, ନାଏବ ସରପଞ୍ଚ ରାଜେନ୍ଦ୍ର ବେହେରା ପ୍ରମୁଖ ତାଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଚାନ୍ଦବାଲି ଗୋବିନ୍ଦପୁର ଗାଁର ହେମନ୍ତ ବିଲରୁ କାମ ସାରି ଫେରୁଥିବା ବେଳେ ବଜ୍ରପାତରେ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଣ୍ଡଗରଡ଼ି ପଞ୍ଚାୟତର ହିମାଂଶୁ ବାରିକ ନାମକ ଯୁବକ ଗୁରୁତର ହୋଇ ଚାନ୍ଦବାଲି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ସେହିପରି ବଜ୍ରପାତରେ କେନ୍ଦୁଝର ଧୁରୁଡ଼ିଆମ୍ବ ଗ୍ରାମର ରାଜେଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ହୋଇଛନ୍ତି। ରାଜେଶ ଘରେ ଏକୁଟିଆ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଶବ୍ଦ ଶୁଣି ଅନ୍ୟ ଏକ ଘରେ ବସିଥିବା ମା' ବାପା ଆସି ତାଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ହରିଚନ୍ଦନପୁର ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ବାର୍ଲା କହିଛନ୍ତି। ତେଲକୋଇ ବ୍ଲକ୍ କାଳିଆହତା ପଞ୍ଚାୟତର ଗୋଡ଼ିକଂସ ଗାଁ ନିକଟରେ ବଜ୍ରପାତ ଯୋଗୁ ଗୋଟିଏ ଘରେ ଥିବା କେତକୀ ମହାନ୍ତ (୩୦), ତାଙ୍କ ଝିଅ ସୋନାଲି ମହାନ୍ତ(୧୧) ଏବଂ ସମ୍ପର୍କୀୟ ନମିତା ମହାନ୍ତ(୨୪) ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହାବ୍ୟତୀତ କାଟେଣୀହାଟ ପଡ଼ିଆ ପାଖରେ ଥିବା ଏକ ଶାଳ ଗଛକୁ ବଜ୍ରପାତ ହେବାରୁ ଗଛମୂଳେ ଆଶ୍ରୟ ନେଇଥିବା ୮ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲା ବାଲିଆପାଳ ଥାନା ତାହାଲିଆ ଗ୍ରାମର ଯତୀନ୍ଦ୍ରନାଥ ଜେନା ଅପରାହ୍ନରେ ଖଳାରେ ଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ଘର ବାରଣ୍ଡାରେ ଥିବା ତାଙ୍କର ସ୍ତ୍ରୀ ବାସନ୍ତୀ ଓ ତାଙ୍କ ବୋହୂ ବୈଜୟନ୍ତୀ ଅସୁସ୍ଥ ହୋଇଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅସୁସ୍ଥମାନଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି।

## ଜିଲାପାଳଙ୍କୁ ଭେଟିଲା ଯୁବ ଶକ୍ତି ସଙ୍ଗଠନ



ଯୁବଶକ୍ତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର, ୧୭।୮ (ବାଞ୍ଛାନିଧି ଦେ)**

### ଦିବଂଗତ ବିଧାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ବାଲେଶ୍ୱରର ଦିବଙ୍ଗତ ବିଧାୟକ ମଦନମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ହୋଇଛି। ବାଲେଶ୍ୱର ଯୁବ ଶକ୍ତି ସଙ୍ଗଠନର କାର୍ଯ୍ୟକର୍ତ୍ତା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ବିଧାୟକ ମାନସ କୁମାର ଦତ୍ତଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସଙ୍ଗଠନ ତରଫରୁ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଓ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ଖବରଦାତା ଅମୀୟ ମହାନ୍ତି, ଉମାକାନ୍ତ ଷଡ଼ଙ୍ଗୀ, ତପନ ବେହେରା, ରକି ରାଉତ, ରତିକାନ୍ତ ନାୟକ ଓ ସୁବାସ ସୁତାରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଜିଲାପାଳଙ୍କୁ ଭେଟି ବାଲେଶ୍ୱର ଷ୍ଟେଶନ ଛକ ଓ କନଭେଣ୍ଟ ସ୍କୁଲ ଛକରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସଙ୍ଗଠନ ତରଫରୁ ବାଣେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା, ରୋଗୀଙ୍କୁ ଫଳ ବଣ୍ଟନ ସହ ଫାଣ୍ଡି ଛକରୁ ଭାରତୀୟ ଷ୍ଟେଟବ୍ୟାଙ୍କ ରାସ୍ତା ମଝିରେ ଥିବା ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି।

## ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ, ମହିଳା ଓ ଶିଶୁବିକାଶକୁ ଗୁରୁତ୍ୱ



ସମିତି ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଅଧିକାରୀଗଣ।

**ଭୋଗରାଇ, ୧୭।୮ (ପ୍ରଦୀପ ଦାସ)**

### ଭୋଗରାଇ ପଞ୍ଚାୟତ ସମିତି ବୈଠକ

ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି ପୌରୋହିତ୍ୟ କରିଥିଲେ। ପଞ୍ଚାୟତ ଅଧିକାରିଣୀ ମାଳତୀ ମଙ୍ଗଳ ପ୍ରିୟ ମୁର୍ମୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପଚନ୍ଦ୍ର ଷଡଙ୍ଗୀ, ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ, ମହିଳା ଶିଶୁ ବିକାଶ, ଶିକ୍ଷା ସହ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏନେଇ ଜନପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଗାଁ କଲ୍ୟାଣ ସମିତିକୁ ବର୍ଷକୁ ଆସୁଥିବା ୧୦ହଜାର ଅନୁଦାନ ରାଶି କେବଳ କାଗଜକଲମରେ ସୀମିତ ବୋଲି ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନାଙ୍କ ଉତ୍ତର ସନ୍ତୋଷଜନକ ନ ହେବାରୁ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ବହୁ ସ୍ଥାନରେ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିତ୍ତିଭୂମିର ଅବ୍ୟବସ୍ଥା ଏବଂ ଦେହୁର୍ଦ୍ଦା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଏଏନ୍‌ଏମ୍ ଦିଦିଙ୍କ ମନମୁଖୀ କାର୍ଯ୍ୟ ଓ ସ୍ୱାସ୍ଥ୍ୟସେବାରେ ଅବହେଳା ନେଇ ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ ଓ ମମତା ସାହୁ ଅଭିଯୋଗ ଆଣିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦କୋଟି ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ ଅତି ନିମ୍ନମାନର ବୋଲି ଜିଲା ପରିଷଦ ସଦସ୍ୟ ସନ୍ତୋଷ ଜେନା ଅଭିଯୋଗ ଆଣି ତଦନ୍ତ ଦାବି କରିଥିଲେ। ବିଧାୟକ ଦାସ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥାଲାସେମିଆ ରୋଗୀଙ୍କ ନିମନ୍ତେ ଖୁବ୍‌ଶୀଘ୍ର ଏକ ବ୍ଲଡବ୍ୟାଙ୍କ ଖୋଲାଯିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବଙ୍କୁ ଅବଗତ କରିଥିବା ସୂଚନା ଦେଇଥିଲେ। ବୈଠକରେ ତହସିଲଦାର ଓ ବିଡିଓ ଦାୟିତ୍ୱରେ ଥିବା ହିମାଂଶୁ ଶେଖର ଗିରି, ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସୁଦୀପ୍ତ କୁମାର ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ବାଲେଶ୍ୱର ଗସ୍ତ

**ବାଲେଶ୍ୱର, ୧୭।୮ (ବାଞ୍ଛାନିଧି ଦେ)**

### ଜିଲାରେ ଟୋଲ୍ ଫ୍ରି ନମ୍ବର ଖୋଲିବା ଦିଗରେ ଗୁରୁତ୍ୱ

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ. ଅବନୀକାନ୍ତ ସାହୁ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ସଂଯୁକ୍ତା ମହାନ୍ତିଙ୍କ ସହ ସେ ବସ୍ତା, ରେମୁଣା ଏବଂ ସୋର ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡିକରେ ଚାଲୁଥିବା ମଧ୍ୟାହ୍ନଭୋଜନ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଜିଲାର ବିଭିନ୍ନ ଜନହିତକର ଯୋଜନାରେ ହିତାଧିକାରୀମାନଙ୍କୁ ମିଳୁଥିବା ସୁବିଧା ଏବଂ ଆପତ୍ତି ଅଭିଯୋଗର ସମାଧାନ ସମ୍ପର୍କରେ ଅବଗତ କରିଥିଲେ।

## ଉଦ୍ଧାର ବିବାହିତା ନାବାଳିକା, ଯୁବକଙ୍କୁ ସିଡବ୍ଲ୍ୟୁସିରେ ହାଜର

**ବାହାନଗା, ୧୭।୮ (ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଖିଲାରସାହି ଗ୍ରାମର ଜଣେ ବିବାହିତା ନାବାଳିକା ଓ ଯୁବକଙ୍କୁ ସିଡିପିଓ ପ୍ରୀତିଲତା ପାଢୀ ଉଦ୍ଧାର କରି ସିଡବ୍ଲୁସି (ଶିଶୁ କଲ୍ୟାଣ କମିଟି)ରେ ହାଜର କରିଛନ୍ତି। ଜଣେ ନାବାଳିକାଙ୍କୁ ତାଙ୍କ ମା' ଦୁଇଦିନ ତଳେ ଜଣେ ଯୁବକଙ୍କ ସହିତ ବିବାହ କରାଇଥିବା ନେଇ ଶୁକ୍ରବାର ପୂର୍ବାହ୍ନରେ ଅଧିକାରିଣୀ ପାଢୀଙ୍କ ପାଖକୁ ଏକ ଫୋନ ଆସିଥିଲା। ଉଭୟ ଦମ୍ପତି ଗ୍ରାମରେ ଥିବା ଅଧିକାରିଣୀ ଜାଣିବା ପରେ ସିଡିପିଓ, ୩ଜଣ ସୁପରଭାଇଜରଙ୍କ ସହିତ ଗୋପାଳପୁର ଥାନା ପୋଲିସ୍ ପହଞ୍ଚିଥିଲେ। ଏନେଇ ସିଡିପିଓ ପାଢୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ୨ଜଣଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ପାଖରେ ହାଜର କରାଇଥିଲେ। ବାଲିଆପାଳ ଅଞ୍ଚଳର ରାଉତରା ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ଅଶୋକ (୨୦ବର୍ଷ ୮ ମାସ) କେରଳର ଏକ କମ୍ପାନୀରେ ଚାକିରି କରନ୍ତି। ସେହି କମ୍ପାନୀରେ ନାବାଳିକାଙ୍କ ମା' କାମ କରନ୍ତି। କେରଳରେ କାମ କରିବା ଭିତରେ ତାଙ୍କ ସାନ ଝିଅ କେରଳ ଯାଇଥିଲେ। ସେଠାରେ ଅଶୋକ ସହିତ ପ୍ରେମସମ୍ପର୍କ ଗଢି ଉଠିଥିଲା। ତାଙ୍କ ମା' ଦୁଇ ଦିନ ତଳେ ବାଲିଆପାଳ ତାରିଣୀ ମନ୍ଦିରରେ ବିବାହ କରାଇ ଦେଇଥିଲେ। ବିବାହ ପରେ ଉଭୟ ଶାଶୁ ଘରକୁ ବୁଲିବାକୁ ଆସିଥିଲେ। ତେବେ ନାବାଳିକାଙ୍କ ବୟସ ୧୩ବର୍ଷ ହୋଇଥିବାରୁ ଗ୍ରାମବାସୀ ଓ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସିଡିପିଓଙ୍କୁ ଖବର ଦେଇଥିଲେ। ଅଧିକାରୀମାନେ ଉଭୟଙ୍କୁ ବାଲେଶ୍ୱର ସିଡବ୍ଲୁସିଙ୍କ ଆଗରେ ହାଜର କରିଥିଲେ। ଅଶୋକଙ୍କ ଛାଡି ଦିଆଯାଇଥିବା ବେଳେ ନାବାଳିକାଙ୍କ ଡାକ୍ତରୀମାଇନା କରିବା ପରେ ସିଡବ୍ଲୁସି ଯାହା ନିଷ୍ପତ୍ତି ନେବେ ।

## ଶୁଭଶ୍ରୀ ରଥଙ୍କୁ ନୀଳଗିରି ଉପଜିଲାପାଳ ଭାବେ ଅତିରିକ୍ତ ଦାୟିତ୍ୱ

**ନୀଳଗିରି, ୧୭।୮ (ପ୍ରଶାନ୍ତ ବିଶ୍ୱାଳ)**



ଉପଜିଲାପାଳଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ କରାଯାଉଛି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ନୂତନ ଉପଜିଲାପାଳ ଭାବେ ଶୁଭଶ୍ରୀ ରଥ ଶୁକ୍ରବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟରେ ଯୋଗଦେବା ପରେ ତହସିଲଦାର ଦୀପ୍ତିମୟୀ ବେହେରା ଏବଂ ବିଭିନ୍ନ ବିଭାଗର ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରଥ ବାଲେଶ୍ୱର ଜିଲା ଲ୍ୟାଣ୍ଡ ସେଟେଲମେଣ୍ଟ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ନୂତନ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସେ ଉକ୍ତ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି।

## କେନ୍ଦୁଝର ଏମ୍‌ପି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ କମିଟି ସଦସ୍ୟ

**କେନ୍ଦୁଝର, ୧୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମ୍ପର୍କିତ ସଂସଦୀୟ କମିଟିରେ ସଦସ୍ୟ କରାଯାଇଛି। ଲୋକସଭା ବାଚସ୍ପତି ଓମ ବିର୍ଲା ୨୦୨୪-୨୫ ବର୍ଷ ପାଇଁ ଗଠିତ କରିଥିବା ଏହି କମିଟିରେ ତାଙ୍କୁ ସାମିଲ କରିଛନ୍ତି। ଅନନ୍ତ ନାୟକ ଓଡିଶାର ଏକ ମାତ୍ର ଏମ୍‌ପି ଭାବେ ଏହି କମିଟିରେ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଲୋକସଭା ସଚିବାଳୟ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେଙ୍କୁ ଏହି କମିଟିର ଅଧ୍ୟକ୍ଷ ଭାବେ ଘୋଷିତ କରାଯାଇଥିଲା। କମିଟିରେ ଉଭୟ ଲୋକସଭା ଓ ରାଜ୍ୟସଭାର ମୋଟ ୩୦ ଜଣ ସଦସ୍ୟ ଅଛନ୍ତି। କମିଟିରେ ସଦସ୍ୟ ଭାବେ ମନୋନୀତ କରିଥିବାରୁ କେନ୍ଦୁଝର ଏମ୍‌ପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଲୋକସଭାର ବାଚସ୍ପତି ଓମ ବିର୍ଲାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଏମ୍‌ପି ଅନନ୍ତ ନାୟକ କିଛି ଦିନ ପୂର୍ବରୁ ଭାଜପା ପକ୍ଷରୁ ଲୋକସଭାରେ ସଚେତକ ଭାବେ ଦାୟିତ୍ୱ ଦିଆଯାଇଥିଲା। ଭାଜପାର ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଭାପତି ଭାବେ ମଧ୍ୟ ଦାୟିତ୍ୱ ସଫଳତା ପୂର୍ବକ ଦାୟିତ୍ୱ ତୁଲାଇଛନ୍ତି।

## ଶୋଭାଯାତ୍ରାରେ ନେଇ ଘରେ ଛାଡ଼ିଲେ



ତୋଟାପଡା ଗ୍ରାମବାସୀ ଶିକ୍ଷୟିତ୍ରୀ ନଳିନୀପ୍ରଭାଙ୍କୁ ଶୋଭାଯାତ୍ରାରେ ଘରକୁ ଛାଡିବାକୁ ଯାଉଛନ୍ତି ।

**ଖଇରା, ୧୭।୮ (ଉତ୍କଳବନ୍ଧୁ ପଣ୍ଡା)**

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ତୋଟାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନଳିନୀପ୍ରଭା ପୃଷ୍ଟିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ତୋଟାପଡା ଗ୍ରାମର ସମସ୍ତ ଅଧିବାସୀ ଏକାଠି ହୋଇ ବିଦାୟ ଦେବା ତାଙ୍କର ପ୍ରଧାନଶିକ୍ଷୟତ୍ରୀଙ୍କ ପ୍ରତି ଭଲ ପାଇବାକୁ ଦର୍ଶାଇଛନ୍ତି। ସଭା ପରେ ବାଜା ବଜାଇ ଏକ ଶୋଭାଯାତ୍ରାରେ କଣ୍ଟାବଣିଆ ବାସଭବନ ପର୍ଯ୍ୟନ୍ତ ଯାଇ ଶିକ୍ଷୟିତ୍ରୀଙ୍କୁ ଘରେ ଛାଡିଛନ୍ତି। ଅଧ୍ୟାପକ ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ମଣ୍ଡଳ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟବକ୍ତା, ଏବିଇଓ ପାର୍ବତୀ ପଣ୍ଡା, ଟିହିଡିର ପୂର୍ବତନ ଏବିଇଓ ମଧୁସୂଦନ ସେଣ୍ଠ, ସରପଞ୍ଚ ନିତୁନିବେଦିତା ମାଝୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୈଳାସ ଚନ୍ଦ୍ର ବେହେରା, ତୋଟାପଡା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜକିଶୋର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚନ୍ଦ୍ର ଚକ୍ରବର୍ତ୍ତୀ ଓ ନିର୍ମଳ କୁମାର ପଣ୍ଡା, ପ୍ରାକ୍ତନ ସରପଞ୍ଚ ମଧୁସୂଦନ ମାଝୀ, ପ୍ରାକ୍ତନ ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝୀ, ପ୍ରାକ୍ତନ ସିଆରସିସି ତପନ ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ୟୁପି ସ୍କୁଲ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସେଣ୍ଠ ସଂଯୋଜନା କରିଥିଲେ।

## ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ

**ବାଲେଶ୍ୱର, ୧୭।୮ (ବାଞ୍ଛାନିଧି ଦେ)**

### ମେଡିକାଲ ଛାତ୍ରୀଙ୍କୁ ବଳାତ୍କାର, ହତ୍ୟା ଘଟଣା



ବିଏମ୍‌ଏସ୍‌ଆର୍‌ଏମ୍ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ କରାଯାଉଛି।

କୋଲକାତାର ଆର୍.ଜି. କର ମେଡ଼ିକାଲ କଲେଜ ଓ ହସ୍‌ପିଟାଲର ପିଜି ମେଡ଼ିକାଲ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାକୁ ନେଇ ଦେଶର ବିଭିନ୍ନ ଅଞ୍ଚଳରେ ଡାକ୍ତରମାନେ ହରତାଳକୁ ଓହ୍ଲାଇଛନ୍ତି। ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲର ଜୁନିଅର ଡାକ୍ତରମାନେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣାରେ ବସି ଆନ୍ଦୋଳନ କରିଥିଲେ।

ବାଲେଶ୍ୱର ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନେତୃତ୍ୱରେ ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଏକତ୍ର ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏବିଭିପିର ରାଜ୍ୟ ସହ-ସମ୍ପାଦକ ଶୁଭ୍ର ସମ୍ପିତ ନାୟକ, ବାଲେଶ୍ୱର ଜିଲା ସହ-ପ୍ରମୁଖ ଦୀପକ ବାରିକ, ଜିଲା ସଂଯୋଜକ ସଞ୍ଜୀବ ମହାରଣା, ସହ-ସଂଯୋଜିକା ଜ୍ୟୋତିରେଖା ଭୂୟାଁ, ସହ ସଂଯୋଜକ ରାହୁଲ ଦାସ, ନଗର ସମ୍ପାଦିକା ସୌମ୍ୟାଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଦାବିରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଦୋଷୀମାନଙ୍କୁ ଦଣ୍ଡ ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଏବିଭିପି ପକ୍ଷରୁ ଚେତାବନୀ ଦିଆଯାଇଛି।

ଭାରତୀୟ ମେଡ଼ିକାଲ ଆଣ୍ଡ ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ଆସୋସିଏସନ୍ (ବିଏମ୍‌ଏସ୍‌ଆର୍‌ଏମ୍), ବାଲେଶ୍ୱର ସମର୍ଥନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଆସୋସିଏସନ୍‌ର ସଭାପତି ସୁଶାନ୍ତ କୁମାର ପରିଡ଼ା, ସାଧାରଣ ସମ୍ପାଦକ ଉତ୍ତମ କୁମାର ପ୍ରଧାନ, ମିଡ଼ିଆ ସଂଯୋଜକ ମନୀନ୍ଦ୍ର କୁମାର ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଉକ୍ତ ଘଟଣାରେ ପ୍ରତିବାଦ କରିଥିଲେ। ବାଲେଶ୍ୱର ନାରୀ ଅଭ୍ୟୁଦୟ ସଂଘର ସଭାନେତ୍ରୀ ଗୀତା ଦାସଅଧିକାରୀ ଏବଂ ପ୍ରତିଷ୍ଠାତା ସମ୍ପାଦକ ସ୍ନେହଲତା ଦାସଙ୍କ ନେତୃତ୍ୱରେ ଉକ୍ତ ହତ୍ୟା ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଖୁବ୍‌ଶୀଘ୍ର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଦାବି

**ଝୁମ୍ପୁରା, ୧୭।୮ (ଶଶିଭୂଷଣ ସାହୁ)**

ପଡ଼ୋଶୀ ବାଙ୍ଗଲାଦେଶରେ ହିନ୍ଦୁଙ୍କ ପ୍ରତି ହୋଇଥିବା ଅମାନବୀୟ ଅତ୍ୟାଚାର ସାର ଭାରତବାସୀଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏ ନେଇ ଶୁକ୍ରବାର ହିନ୍ଦୁ ଜାଗରଣ ସମିତି ଝୁମ୍ପୁରା ଶାଖା ପକ୍ଷରୁ ଶୋଭାଯାତ୍ରା କରାଯିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଥାନାଧିକାରୀ, ଗୋଷ୍ଠୀଉନ୍ନୟନ ଅଧିକାରୀ ଏବଂ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହିନ୍ଦୁ ଜାଗରଣ ସମିତିର ପଞ୍ଚାନନ ସାହୁ, ଯୁଗଳ କିଶୋର ବେହେରା, ବିଦ୍ୟାଧର ସାହୁ, ଠାକୁର ମହାନ୍ତ, ଘନ ମହାନ୍ତଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରା ପ୍ରଦର୍ଶନ କରାଯାଇଥିଲା।

## ମହିଳା ସରପଞ୍ଚଙ୍କୁ ଗାଳିଗୁଲଜ ଅଭିଯୋଗ

**ଆନନ୍ଦପୁର, ୧୭।୮ (ସୁଶାନ୍ତ କୁମାର ସାହୁ)**

ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ଗାଳିଗୁଲଜ କରିବା ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରକାରୀ କର୍ମଚାରୀଙ୍କ ଉପସ୍ଥିତରେ ପାଣି ପଞ୍ଚାୟତର ବୈଠକ ବସିଥିଲା। ବଉଁଶଗଡ଼ ଗ୍ରାମର ଜନୈକ ଯୁବକ ଆସି ମହିଳା ସରପଞ୍ଚ ସରସ୍ୱତୀ ସେଠୀଙ୍କୁ ଜାତିଆଣା ଆକ୍ଷେପ ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବୁଝାସୁଝା ପରେ ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ସରପଞ୍ଚ ବାଧ୍ୟ ହୋଇ ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରିଥିଲେ। ସରକାରୀ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହେବା ଏବଂ ମହିଳା ସରପଞ୍ଚଙ୍କୁ ଗାଳିଗୁଲଜ କରିବା ନେଇ ମହିଳା ସରପଞ୍ଚ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଘଟଣାକୁ ନେଇ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଫରେ ଅଭିଯୋଗକୁ ଆଧାର କରି ତଦନ୍ତ କରାଯିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

